**ଭାରତର ଇସ୍ପାତ ପ୍ରାଧିକରଣ ଲିମିଟେଡ଼**

**(ହିନ୍ଦୁସ୍ତାନ ଇସ୍ପାତ ଲିମିଟେଡ଼ର ଉତ୍ତରାଧିକାରୀ)**

**ବନାମ**

**ଭାରତୀୟ ଜୀବନ ବୀମା ନିଗମ ଏବଂ ଅନ୍ୟମାନେ**

**ମଇ 9, 1997**

**[କେ. ରାମାସ୍ୱାମୀ ଏବଂ ଡି. ପି. ୱାଧୱା, ନ୍ୟାୟମୂର୍ତ୍ତିଦ୍ୱୟ]**

*ସର୍ବସାଧାରଣ ପରିସର (ଅନଧିକୃତ ଦଖଲକାରୀଙ୍କ ଉଚ୍ଛେଦ) ଅଧିନିୟମ, 1971:*

*ଉଚ୍ଛେଦ – କମ୍ପାନୀ ବିରୁଦ୍ଧରେ ଆରମ୍ଭ ହୋଇଥିବା ଉଚ୍ଛେଦର କାର୍ଯ୍ୟାନୁଷ୍ଠାନ ପାଇଁ କମ୍ପାନୀ ଜୀବନ ବୀମା ନିଗମ ଠାରୁ ପରିସରକୁ ଭଡ଼ା ନେଇଯାଇଥିଲା – କମ୍ପାନୀ ରିଟ୍ ଆବେଦନ ଦାଖଲ କରିଥିଲା ଏବଂ ଯୁକ୍ତି କରିଥିଲା ଯେ, ପ୍ରସଙ୍ଗକୁ ଉଚ୍ଚ କ୍ଷମତାସମ୍ପନ୍ନ ସମିତିକୁ ଉଲ୍ଲେଖ କରାଯାଉ – ରିଟ୍ ଆବେଦନକୁ ଖାରଜ କରାଗଲା – ଦର୍ଶାଯାଇଛି, ଉଚ୍ଚ ନ୍ୟାୟାଳୟ ଯାହା ପାଇଁ ହସ୍ତକ୍ଷେପ ଆବଶ୍ୟକ କୌଣସି ତ୍ରୁଟି କରିନାହାଁନ୍ତି ।*

ଦେୱାନୀ ଅପିଲ ଅଧିକାରିତା : ବିଶେଷ ଅନୁମତି ଆବେଦନପତ୍ର (ସି) ସଂଖ୍ୟା 9984/1997 ।

ସି. ଡବ୍ଲ୍ୟୁ. ସଂଖ୍ୟା 1085/1997ରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କର 13.3.97 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଡି. କେ. ସିହ୍ନା ଏବଂ ଅଜିତ ପୁଡୁସେରୀ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଏହି ବିଶେଷ ଅନୁମତି ଆବେଦନପତ୍ର 13.3.1997 ତାରିଖରେ ସି.ଡବ୍ଲ୍ୟୁ. ସଂଖ୍ୟା 1085/97 ରେ ହୋଇଥିବା ଦିଲ୍ଲୀ ଉଚ୍ଚନ୍ୟାୟାଳୟର ଆଦେଶ ବିରୁଦ୍ଧରେ ଦାଖଲ କରାଯାଇଛି ।

ଆବେଦନକାରୀ – କମ୍ପାନୀର ପୂର୍ବାଧିକାରୀ ଜୀବନ ବୀମା ନିଗମ ଠାରୁ ବିବାଦୀୟ ପରିସରକୁ ନୂଆଦିଲ୍ଲୀର ସାଂସଦ ମାର୍ଗ ସ୍ଥିତ ଜୀବନ ଦୀପ ଭବନର 4ର୍ଥ ମହଲାରେ ଭଡ଼ା ନେଇଥିଲେ । ଯେହେତୁ, ଆବେଦନକାରୀ ପରିସର ଖାଲି କରିନଥିଲେ, ତେଣୁ ସର୍ବସାଧାରଣ ପରିସର (ଅନଧିକୃତ ଦଖଲକାରୀଙ୍କ ଉଚ୍ଛେଦ) ଅଧିନିୟମ ଅନୁଯାୟୀ ଉଚ୍ଛେଦ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ଆବେଦନକାରୀ ଉଚ୍ଚନ୍ୟାୟାଳୟରେ ଏହି ଯୁକ୍ତି ଦର୍ଶାଇ କାର୍ଯ୍ୟାନୁଷ୍ଠାନକୁ ଆପତ୍ତି କରିଥିଲେ ଯେ, ଏହି ନ୍ୟାୟାଳୟ ଆଇ.ଏ. ସଂଖ୍ୟା 4 ଏବଂ 5/1992ରେ ଦେୱାନୀ ଆବେଦନ ସଂଖ୍ୟା 2058-59/88 ରେ ସମ୍ପୃକ୍ତ ମନ୍ତ୍ରଣାଳୟର ସରକାରୀ ଶିଳ୍ପ ଉଦ୍ୟୋଗ ଏବଂ ଭାରତ ସରକାରଙ୍କ ମଧ୍ୟରେ ବିବାଦଗୁଡ଼ିକର ସମାଧାନ ପାଇଁ ସମୟର ଅନାବଶ୍ୟକ ଉପଯୋଗ ଏବଂ ସର୍ବସାଧାରଣ ପୁଞ୍ଜିର ଅପଚୟ ବିନା ବିବାଦଗୁଡ଼ିକର ନିଷ୍ପତ୍ତି ପାଇଁ ମନ୍ତ୍ରୀମଣ୍ଡଳ ସଚିବ, ଆଇନ ମନ୍ତ୍ରଣାଳୟର ସଚିବ ଏବଂ ସରକାରୀ ଶିଳ୍ପ ଉଦ୍ୟୋଗ ସଂସ୍ଥାର ସଚିବଙ୍କୁ ନେଇ ଗଠିତ ଏକ ସମିତି ଦ୍ୱାରା ଏକ ଉଚ୍ଚ କ୍ଷମତା ସମ୍ପନ୍ନ ସମିତି ଗଠନ କରିବାକୁ ନିର୍ଦ୍ଦେଶ ଜାରି କରିଥିଲେ ।

ଆବେଦନକାରୀ ଏପରି ଏକ ସନ୍ଦର୍ଭ ପାଇଁ ଅନୁରୋଧ କରିଛନ୍ତି ଏବଂ ଯୁକ୍ତି କରିଛନ୍ତି ଯେ, ଉଚ୍ଚ କ୍ଷମତାସମ୍ପନ୍ନ ସମିତି ଗଠନ କରାଯିବା ଉଚିତ ଏବଂ ଏହି ପ୍ରସଙ୍ଗରେ ନିଷ୍ପତ୍ତି ନେବା ଉଚିତ । ଆମେ ଯୁକ୍ତିରେ କୌଣସି ଦୃଢତା ପାଇନାହୁଁ ।

ସେହି ପ୍ରସଙ୍ଗଗୁଡ଼ିକରେ ନିର୍ଦ୍ଦେଶ ଜାରି କରିବାର ଉଦ୍ଦେଶ୍ୟ ଜନସାଧାରଣଙ୍କ ଅର୍ଥ ଏବଂ ନ୍ୟାୟାଳୟର ମୂଲ୍ୟବାନ ସମୟ ସଞ୍ଚୟ କରିବାପାଇଁ ପ୍ରମୁଖ ନୀତିଗତ ପ୍ରସଙ୍ଗରେ ଆର୍ଥିକ ବିବାଦର ନିଷ୍ପତ୍ତି କରିବା ଥିଲା, ଏବଂ ସରକାରୀ ଶିଳ୍ପୋଦ୍ୟୋଗ ଏବଂ ଭାରତ ସରକାର କିମ୍ବା ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ ହୋଇପାରିଥିଲା । ଏହାର ଉଦ୍ଦେଶ୍ୟ ଏକ କମ୍ପାନୀର ଉଚ୍ଛେଦ କିମ୍ବା ସର୍ବସାଧାରଣ ପରିସର (ଅନଧିକୃତ ଦଖଲକାରୀ) ଅଧିନିୟମ ଅନୁଯାୟୀ ସରକାରୀ ଶିଳ୍ପୋଦ୍ୟୋଗ ଭଳି ବିବାଦଗୁଡ଼ିକର ସମାଧାନ କରିବା ନଥିଲା; ଏହିପରି କ୍ଷୁଦ୍ର ବିବାଦଗୁଡ଼ିକ ଉଚ୍ଚ ସ୍ତରୀୟ ଅଧିକାରୀ ଯାହାଙ୍କ ଅନ୍ୟଥା କର୍ତ୍ତବ୍ୟ ଏବଂ ସମୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକୃତିର ଅଟେ ତାଙ୍କ ଦ୍ୱାରା ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇ ନାହିଁ । ଏଭଳି ପରିସ୍ଥିତିଗୁଡ଼ିକରେ ଉଚ୍ଚନ୍ୟାୟାଳୟ ଯାହା ହସ୍ତକ୍ଷେପ ଆବଶ୍ୟକ କରେ କୌଣସି ତ୍ରୁଟି କରିନାହାଁନ୍ତି ।

ସେହି ଅନୁଯାୟୀ ବିଶେଷ ଅନୁମତି ଆବେଦନପତ୍ର ଖାରଜ ହୋଇଛି ।

ଆର୍. ପି. ଆବେଦନ ଖାରଜ ହୋଇଛି ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦିକା : - ରଶ୍ମିତା ସାହୁ,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ